**NEW PAPER:** Dharitri

**DATE:** 24.02.2019

**PAGE:** 15

# ଧରିତ୍ରୀ
DHARITRI




## ଏଏସ୍‌ବିଏମ୍‌ରେ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ

**ଭୁବନେଶ୍ୱର,୨୩-୨**

ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ରେ ୫ମ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ (ନାମକନ୍-୨୦୧୯) ଅନୁଷ୍ଠିତ ହୋଇଯାଇଛି। ଅଲୱେଦର ବିଜ୍‌ନେସ ମଡେଲ ଦ୍ୱାରା ନାଲ୍‌କୋର ସଫଳତା ଉପରେ କାର୍ଯ୍ୟକ୍ରମରେ ଏହାର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଗୁରୁତ୍ୱାରୋପ କରିଥିଲେ। ଫରଚ୍ୟୁନ ୫୦୦ ଏବଂ ତତ୍କାଳୀନ ପ୍ରମୁଖ ଭାରତୀୟ କମ୍ପାନୀ ଉପରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ୍ ପଟ୍ଟନାୟକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆମେରିକା ସାଉଦର୍ନ ବିଶ୍ୱ ବିଦ୍ୟାଳୟର ଡ.ବିଜୟ କୁମାର ସାହୁ, ଓପିଏସ୍‌ସିର ପ୍ରାକ୍ତନ ଅଧ୍ୟକ୍ଷ ବିବେକ୍ ପଟ୍ଟନାୟକ, ଜାତୀୟ ଆଲୁମିନିୟମ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଗଦାଧର ଉପାଧ୍ୟାୟ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଭାତ କୁମାର ମହାନ୍ତି, ଓପିଜିସିଏଲ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।